## ସଂକ୍ଷେପରେ

### ବୈତରଣୀ ରିଜର୍ଭ ଜଙ୍ଗଲରେ ୨୪ ଟିକିଆ ହାତୀପଲ

ଯୋଡ଼ା,୨୨।୩(ଡି.ଏନ.ଏ.): କେନ୍ଦୁଝରେ ଜିଲା ଯୋଡ଼ା ବନାଞ୍ଚଳରେ ବନାଗ୍ନି ନିର୍ବାପିତ ପରେ ହାତୀପଲ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଚଳପ୍ରଚଳ ଆରମ୍ଭ କରିଛନ୍ତି। ଏବେ ହାତୀପଲ ବୈତରଣୀ ରିଜର୍ଭ ଜଙ୍ଗଲରେ ବୁଲିଥିବା ବେଳେ ହାତୀଙ୍କ ସୁରକ୍ଷା ନେଇ ବନ ବିଭାଗର ଚିନ୍ତା ବଢ଼ିଯାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ସମୁଦାୟ ୨୪ଟି ହାତୀରୁ ବୈତରଣୀ ରିଜର୍ଭ ଜଙ୍ଗଲ (କ) ର ଖୁଣ୍ଟପାଣୀ ଜଙ୍ଗଲରେ ୧୮ ହାତୀ ବିଚରଣ କରୁଥିବା ବେଳେ ବାକି ୬ ହାତୀ ବୈତରଣୀ ରିଜର୍ଭ ଜଙ୍ଗଲ (ଖ)ର ଝରଣ ଜଙ୍ଗଲରେ ବିଚରଣ କରୁଛନ୍ତି। ତେବେ ଖୁଣ୍ଟପାଣି ଜଙ୍ଗଲରେ ରହିଥିବା ହାତୀପଲ ବନ ବିଭାଗର ଚିନ୍ତା ବଢ଼ାଇଦେଇଛି। ବାଂଶପାଣି-ଦେଓଝରେ ରେଳ ଲାଇନ ଦେଇ ବହୁ ସଂଖ୍ୟାରେ ମାଲବାହୀ ଟ୍ରେନ୍ ଚଳାଚଳ କରୁଥିବାରୁ ହାତୀପଲଙ୍କ ଚଳ ପ୍ରଚଳ ବିପଦ ଜନକ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ରେଳ ଗାଡ଼ିର ଗତିକୁ ନିୟନ୍ତ୍ରିତ କରିବା ପାଇଁ ରେଳ ମନ୍ତ୍ରଣାଳୟକୁ ଅନୁରୋଧ କରିଛି। ଏଥିସହ ଜିଏସ୍ଆଇ(ଜିଓ ଗ୍ରାଫିକାଲ ଇନ୍‌ଫର୍ମେସନ ସିଷ୍ଟମ)ର ୩ ଜଣିଆ ଟିମ୍ ବନ ବିଭାଗ ସହିତ ମିଶି ଥର୍ମାଲ ଡ୍ରୋନ ଯୋଗେ ହାତୀ ଉପରେ ନଜର ରଖି ହାତୀପଲକୁ ଜଙ୍ଗଲ ଭିତରକୁ ସ୍ଥାନାନ୍ତର କରୁଛନ୍ତି। ଏହା ସହିତ ଗୁରୁବେଡ଼ା, ଖୁଣ୍ଟ ପାଣି, ବେହେରା ହଟିଂ ପ୍ରଭୃତି ଅଞ୍ଚଳରେ ବିଜୁଳି କାଟ ମଧ କରାଯାଉଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

### ବିଶ୍ୱ ଜଳ ଦିବସ

ପଦ୍ମପୁର,୨୨।୩(ଡି.ଏନ.ଏ.)- ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ବୁଧବାର ୟୁନାଇଟେଡ଼ ନେଶନ ଅର୍ଗାନାଇଜେସନ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ସାଳନ୍ଦୀ ବିକାଶ ମଞ୍ଚର ସାଧାରଣ ସମ୍ପାଦକ ପ୍ରତାପ କୁମାର ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ। ସାଳନ୍ଦୀ ନଦୀକୁ ପ୍ରଦୂଷଣମୁକ୍ତ ଓ ଚିରସ୍ରୋତା କରିବା, ଭଦ୍ରକର ରାନ୍ଧିଆଠାରୁ ଚାନ୍ଦବାଲି ଦୁର୍ଗାପୁର ପର୍ଯ୍ୟନ୍ତ ନଦୀବନ୍ଧର ପ୍ରଶସ୍ତୀ ଓ ସୌନ୍ଦର୍ଯ୍ୟକରଣ, ସାଳନ୍ଦୀ ନଦୀର ସବୁଜ ଓ ଲାଲ ବଳୟକୁ ଅବରୋଧମୁକ୍ତ କରିବା, ନଦୀର ଉଭୟ ପାର୍ଶ୍ୱରେ ଚାରାରୋପଣ, ନଦୀର ବାଲି ଓ ମୃତ୍ତିକା ଚୋରିକୁ ରୋକିବା ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ସାଳନ୍ଦୀ ବିକାଶ ମଞ୍ଚ, ବୈତରଣୀ ବଞ୍ଚାଅ ଅଭିଯାନ, ସେଣ୍ଟର ଫର୍ ଆକ୍ସନ ଆଣ୍ଡ ରିସର୍ଚ୍ଚ ମିଳିତ ଭାବେ ସଭା ପରିଚାଳନା କରିଥିଲେ। ସାଳନ୍ଦୀ ବିକାଶ ମଞ୍ଚର ଅମ୍ବିକା ଦାସ, ସଞ୍ଜୀବ ମହାନ୍ତି, ଉଦ୍ଧବ ଚରଣ ନାୟକ, କାଳୀପଦ ରାୟ, ଆଇନଜୀବୀ ବସନ୍ତ କୁମାର ଖିଲାର, ଶକୁନ୍ତଳା ଦାସ, ବୈତରଣୀ ବଞ୍ଚାଅ ଅଭିଯାନର ରମାକାନ୍ତ ଦାସ, ଶମ୍ଭୁନାଥ ଦାସ, ବିଷ୍ଣୁ ମହାନ୍ତି, ମଧୁସ୍ମିତା ସାହୁ, ସେଣ୍ଟର ଫର୍ ଆକ୍ସନ ଆଣ୍ଡ ରିସର୍ଚ୍ଚର ସୁଶ୍ରୀ ବତୀନ୍ଦ୍ର ଜେନା, ଲୋପାମୁଦ୍ରା ମହାନ୍ତି, ରତିକାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ବାଲି ବୋଝେଇ ଟ୍ରାକ୍ଟର ଓଲଟିଲା

ଜଳେଶ୍ୱର, ୨୨।୩(ଡି.ଏନ୍.ଏ.)-ଆଜି ଏକ ନମ୍ବର ବିହୀନ ଟ୍ରାକ୍ଟରରେ ଚୋରାବାଲି ଧରି ଗଲାବେଳେ ଜାତୀୟ ରାଜପଥର ନାଙ୍ଗୁଡସାହି ନିକଟରେ ଧାନ ବିଲକୁ ଓଲଟି ପଡିଛି। ପୋଲିସ ପାଟ୍ରୋଲିଂ ଗାଡି ଦେଖି ଟ୍ରାକ୍ଟର ତରବରରେ ଗଲାବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିବା ଜଣାଯାଇଛି। ଏଥିରେ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଥିବା ବେଳେ ଧାନ କିଆରିରେ ଧାନଗଛ ନଷ୍ଟ ହୋଇଯାଇଛି।

# ସିଡିଏମ୍‌ଓ ଅଫିସ ଘେରିଲେ ଠିକା କର୍ମଚାରୀ

## ପୁନଃ ନିଯୁକ୍ତି ଦାବି

କେନ୍ଦୁଝର,୨୨।୩(ସ୍ୱ.ପ୍ର.)



କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ବିଭାଗରେ ଦୀର୍ଘବର୍ଷ ହେଲା କାମ କରି ଆସୁଥିବା ଠିକା କର୍ମଚାରୀ ପୁନଃ ନିଯୁକ୍ତି ଦାବିରେ ସିଡିଏମଓଙ୍କ ଅଫିସ ଘେରାଉ କରିଥିଲେ। ଏ ନେଇ ୬୨ରୁ ଉର୍ଦ୍ଧ୍ୱ କର୍ମଚାରୀ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କୁ ପ୍ରଦାନ କରିଛନ୍ତି। ଧାରଣା ଫଳରେ ବୁଧବାର ସେବା ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ୪୯ଜଣ ଆଣ୍ଟେନାଣ୍ଟ, ୨ଜଣ ଲିଫ୍ଟ ଅପରେଟର, ୨ ଅକ୍ସିଜେନ ପ୍ଲାଣ୍ଟ ଅପରେଟର, ୬ ହେଲପଡେକ୍ସ ମ୍ୟାନେଜର, ଜଣେ ଗାର୍ଡେନର, ୩ ଏମ୍ଏସ୍ କେୟାର ସିକ୍ୟୁରିଟି ଆଲିଡ ସର୍ଭିସ ଏଜେନ୍ସି ମାଧ୍ୟମରେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରିଆସୁଛନ୍ତି। ବିଗତ କରୋନା ମହାମାରୀ ସମୟରେ ମଧ ସେମାନେ ରେଗୁଲାର ଭାବେ ୩ ମାସ ଦରମା ନ ପାଇ ବିଭିନ୍ନ ସମସ୍ୟା ମଧ୍ୟରେ କାର୍ଯ୍ୟ କରିଥିଲେ। ଏବେ ମେଡିକାଲ କଲେଜ ହସ୍ପିଟାଲ ତଥା ଜିଲା ଡାକ୍ତରଖାନାରେ ଅଧିକ କର୍ମଚାରୀର ଆବଶ୍ୟକ ରହିଥିବା ଏବଂ ଆଉଟ ସୋର୍ସିଂ ଜରିଆରେ ନିଯୁକ୍ତି ଦିଆଯାଉ ଥିବାରୁ ସେମାନଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଏଥିସହ ଗତ ୧୫ ନଭେମ୍ବର ୨୦୨୨ରୁ ୯ ଫେବୃୟାରୀ ୨୦୨୩ ପୁରାତନ ସଂସ୍ଥା ଏମ୍ଏସ କେୟାର ସିକ୍ୟୁରିଟି ସଂସ୍ଥାର ଚୁକ୍ତିନାମା ଅବଧି ସରିଯାଇଛି। ଫଳରେ ଏମାନେ ଏଡିଏମ ଓ ହସ୍ପିଟାଲ ମ୍ୟାନେଜର ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରି ଆସୁଛନ୍ତି। ବର୍ତ୍ତମାନ ଟେଣ୍ଡର ପାଇଥିବା ଲ୍ୟାଣ୍ଡକ ସର୍ଭିସ ୧୫ ଫେବୃୟାରୀ ୨୦୨୩ରେ ଠିକା କର୍ମଚାରୀଙ୍କ ସାର୍ଟିଫିକେଟ ଭେରିଫିକେସନ, ବ୍ୟାଙ୍କ ବୋର୍ଡ ଏଗ୍ରିମେଣ୍ଟ ଆଦି କରିଥିଲା। ମାତ୍ର ଉକ୍ତ କର୍ମଚାରୀମାନଙ୍କ ନାମ ସଂସ୍ଥାରେ ନ ଥିବାରୁ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ୨ ମାସରୁ ୪ ମାସ ହେବ ବିଭିନ୍ନ ବିଭାଗରେ ସମସ୍ତେ କାର୍ଯ୍ୟ କରିଆସୁଛନ୍ତି। ହେଲେ ବକେୟା ଦରମା ମିଳିପାରିନାହିଁ ବୋଲି ଅଭିଯୋଗ ହୋଇଛି। ସ୍ୱଳ୍ପ ଦରମାରେ ଚାକିରୀ କରିଆସୁଥିବା ବେଳେ ପରିବାର ପ୍ରତିପୋଷଣ କରିବା ପାଇଁ କଷ୍ଟକର ହୋଇପଡୁଛି। ଏଣୁ ଅଫ ରିଲିଭର ଏବଂ ୨୧ବର୍ଷ ବୟସ ସୀମାରେ ଥିବା ଯେଉଁମାନଙ୍କୁ ଝଟେଇ କରିଛନ୍ତି ପୁନଃ ନିଯୁକ୍ତି ଦାବିରେ ବିଶ୍ୱଜିତ ବାରିକ, ଦେବାଶିଷ ସାହୁ, ଚନ୍ଦନ ଲୋହାର, ଚିନ୍ମୟ ସାହୁ ସମେତ ବହୁ ଠିକା କର୍ମଚାରୀ ସିଡିଏମଓ ଡକ୍ଟର ପୃଷ୍ଟିଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।

# ଭାଇଚାରାର ବନ୍ଧନ ସୃଷ୍ଟିକରେ ମହୋତ୍ସବ



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

## ଆଗରପଡ଼ା ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ ଅଫି/ବନ୍ତ,୨୨।୩(ଡି.ଏନ୍.ଏ.)

ଗାଁ ଗହଳିରେ ମହୋତ୍ସବ ଭାଇଚାରାର ବନ୍ଧନ ସୃଷ୍ଟି କରେ। ଅଞ୍ଚଳର କଳାର ମଧ ପ୍ରଚାରପ୍ରସାରରେ ସହାୟକ ହୋଇଥାଏ। ଭଦ୍ରକ ଜିଲା ବନ୍ତ ବ୍ଲକ୍ ଆଗରପଡ଼ାଠାରେ ୯ମ ବାର୍ଷିକ ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପ–ଜିଲାପାଳ ମନୋଜ ପାତ୍ର ଏହି ମତବ୍ୟକ୍ତ କରିଥିଲେ।

ମହୋତ୍ସବ କମିଟିର ସଭାପତି ଆଇନ୍‌ଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ବକ୍ତାଭାବେ ସାହିତ୍ୟ ପତ୍ରିକା ନବକାକଳିର ସମ୍ପାଦକ ସୁରେନ୍ଦ୍ରନାଥ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ଏସ୍‌ଡିପିଓ ବିଜୟ ମହାପାତ୍ର, ବିଡିଓ ପ୍ରଦୀପ ସେଠୀ, ତହସିଲଦାର ଅଙ୍କିତା ବାରିକ, ଉପ–ସଭାନେତ୍ରୀ ମମତା ମହାନ୍ତି, କମିଟି ଉପଦେଷ୍ଟା ଇଂ. ମଧୁସୂଦନ ସାହୁ, ବିଦ୍ୟାଧର ବେହେରା, ହରମୋହନ ପଣ୍ଡା, କୈଳାସ ଚନ୍ଦ୍ର ଧଳ, ମନ୍ଦିରା ଡ୍ୟାନ୍ସ ଏକାଡ଼େମୀର ଅଧକ୍ଷା ଶ୍ୱେତପଦ୍ମା ଦାସ ବେହେରା ଯୋଗଦେଇଥିଲେ। କମିଟିର ସମ୍ପାଦକ ହେମନ୍ତ ସିଂହ ବିବରଣୀ ପାଠ, ଶିକ୍ଷାବିତ୍ ରମାକାନ୍ତ ଜେନା ଅତିଥି ପରିଚୟ ଓ ପଞ୍ଚାନନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ଗୋପାଳ କୃଷ୍ଣ ଦାଶ, ଅଶୋକ ପରିଡ଼ା, ହିମାଂଶୁ ଶେଖର ସାହୁ, ଶ୍ୟାମସୁନ୍ଦର ଦାସ, ଶ୍ରଦ୍ଧାଞ୍ଜଳି ସାହୁ, ଚିତ୍ତରଞ୍ଜନ ଦାସ, ଦୀପକ ପୁରୀ, ନିହାର ରଞ୍ଜନ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ କମିଟିର ଉପଦେଷ୍ଟା ଦିବଂଗତ ରଥ ବେହେରାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ମନ୍ଦିରା ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଏସ୍‌ପି ଅଫିସ ଆଗରେ ଗଣଧାରଣା

## ମେରାଇନ ଥାନା ପୋଲିସର ମନମାନିକୁ ବିରୋଧ

ଭଦ୍ରକ ଅଫିସ,୨୨।୩




ଧାରଣାରତ ପରିବାର ଲୋକେ।

ଭଦ୍ରକ ଜିଲା ଚୁଡ଼ାମଣି ମେରାଇନ ପୋଲିସର ମନମୁଖୀ କାର୍ଯ୍ୟ ବିରୋଧରେ ବୁଧବାର ଏସ୍‌ପି ଅଫିସ ଆଗରେ ଏକ ପରିବାର ଗଣଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ଚୁଡ଼ାମଣି ଗ୍ରାମର ଅକ୍ଷୟ ମଲିକ ଗତ ୨୦୨୨ ଡିସେମ୍ବର ୪ ତାରିଖ ସନ୍ଧ୍ୟାରେ ବାଇକ୍ ଯୋଗେ ତାଙ୍କ ସ୍ତ୍ରୀକୁ ସାଙ୍ଗରେ ନେଇ ଆସୁଥିଲେ। ଚୁଡ଼ାମଣି ମଦ କାଉଣ୍ଟର ନିକଟରେ ଉକ୍ତ ଗ୍ରାମର ୨ ଯୁବକ ତାଙ୍କୁ ମାଡ଼ ମାରି ବାଇକ୍ ଛଡ଼ାଇ ନେଇଥିଲେ ବୋଲି ମେରାଇନ ଥାନାରେ ଅଭିଯୋଗ କରିଥିଲେ। ମେରାଇନ ପୋଲିସ ଏକ ମାମଲା ରୁଜୁ କରି ଏକମାସ ପରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତ ଜାମିନରେ ଆସି କେସ ସମାଧାନ ନ କଲେ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମେରାଇନ ପୋଲିସ ତାଙ୍କ ବାଇକ୍ ନ ଖୋଜି ବାଇକ୍ ମିଳୁନାହିଁ ବୋଲି କହି ସମୟ ଗଡ଼ାଉଛନ୍ତି। ଏନେଇ ବାରମ୍ବାର ଥାନା ଓ ଏସ୍‌ପି ଅଫିସକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଅକ୍ଷୟ ଓ ତାଙ୍କ ପରିବାର ଧାରଣା ଦେଇଥିବା କହିଛନ୍ତି। ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ଧାରଣାକାରୀଙ୍କ ସହ ଆଲୋଚନା କରି ବାସୁଦେବପୁର ଏସ୍‌ଡିପିଓଙ୍କୁ ମାମଲା ହସ୍ତାନ୍ତର କରିବା ସହ ୭ ଦିନ ଭିତରେ ତାଙ୍କ ଚୋରି ବାଇକ୍ ଖୋଜିଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଆଜିଠାରୁ ୬୮ତମ ବାଦୀପାଲା ମହୋତ୍ସବ

ପାଟଣା,୨୨।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ପ୍ରସିଦ୍ଧ ୬୮ତମ ବାଦୀପାଲା ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହେବ। ୫ ଦିନ ବ୍ୟାପି ଅର୍ଥାତ ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ ପାଲା କମିଟିର ସଭାପତି ଅଜିତ ଦାଶ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଗାୟକ ରବୀନ୍ଦ୍ର ସାମନ୍ତରାୟ ଓ ନିରଞ୍ଜନ ବାହିନୀପତି ବାଦୀପାଲା ପରିବେଷଣ କରିବେ। ପ୍ରତିଦିନ ପାଲା ପ୍ରେମୀଙ୍କ ନିମନ୍ତେ ଭୋଗର ବ୍ୟବସ୍ଥା କରଯାଇଥିବା ପାଲା କମିଟିର ଉପସଭାପତି ଲୋକନାଥ ମିଶ୍ର, ସମ୍ପାଦକ ଶିବ ପ୍ରସାଦ ଦାଶ, କଳ୍ପତରୁ କର, ସୁମିତ ପତି ପ୍ରମୁଖ ସୂଚନା ଦେଇଛନ୍ତି। ପାଲା ମହୋତ୍ସବ ଅବସରରେ ଓଡ଼ିଶାର ପ୍ରାଚୀନ ସଂସ୍କୃତି ଲୋକକଳା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ।

# ମୃତକଙ୍କ ପରିବାରକୁ ସହାୟତା




ଆମ୍ବୁଲାନ୍ସରେ ମୃତଦେହକୁ ପଠାଯାଉଛି

ବାଲେଶ୍ୱର ଅଫିସ, ୨୨।୩

ବାଲେଶ୍ୱର ଜିଲା ଖନ୍ତାପଡ଼ା ନିକଟରେ ଗତ ମଙ୍ଗଳବାର ରାତି ୨ଟା ବେଳେ ବସ୍‌ରେ ଜଗତସିଂପୁରରୁ କୋଲକାତା ଯାଉଥିବା ମହେଶ୍ୱର ବେହେରା ନାମକ ବ୍ୟକ୍ତିଙ୍କ ହଠାତ୍ ହୃଦ୍‌ଘାତ ହୋଇଥିଲା। ଖବର ପାଇ ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମହେଶ୍ୱରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିବାର ଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ତାଙ୍କ ଗାଁକୁ ପଠାଇବା ସହ ଆଗକୁ କିପରି ଓଡ଼ିଶା ମୋ ପରିବାର ତରଫରୁ ସାହାଯ୍ୟ ଯୋଗାଇ ଦିଆଯାଇପାରିବ ତାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯିବ ବୋଲି ମଙ୍ଗରାଜ କହିଛନ୍ତି।

# ଗଛ ଭାଙ୍ଗିଲା, ଛପର ଉଡ଼ିଲା

## ବୈଶିଙ୍ଗାରେ କାଳବୈଶାଖୀ

ବୈଶିଙ୍ଗା,୨୨।୩(ଡି.ଏନ.ଏ.)




ଭାଙ୍ଗି ଯାଇଥିବା ଗଛ ଡାଳ।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ ସହିତ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ବୈଶିଙ୍ଗା, ଯୁଗପୁରା , ଜାମୁନଣ୍ଡା , ସନ୍ତରା, କୁଶୁଦା ଆଦି ଅଞ୍ଚଳରେ କୁଆପଥର ବର୍ଷା ହୋଇଥିଲା। ଅନେକ ସ୍ଥାନରେ ବଡ଼ବଡ଼ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିବା ବେଳେ ଚାଳଛପର ଓ ଆଜବେଷ୍ଟସ ଘର ଛପର କ୍ଷତିଗ୍ରସ୍ତ ହୋଇଛି। ବୈଶିଙ୍ଗା ଉପକଣ୍ଠ ଡାହିବାଡି ସାପ୍ତାହିକ ହାଟରେ ବ୍ୟବସାୟୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜଣେ ଦୋକାନୀଙ୍କ ଏକ ପିକ୍‌ଅପ୍ ଭ୍ୟାନ ଉପରେ ଗଛ ଭାଙ୍ଗି ପଡ଼ିବା ଫଳରେ ଏହା ଭାଙ୍ଗି ଚୁରମାର୍ ହୋଇ ଯାଇଛି। ସେହିପରି ଯୁଗପୁରା ଅଞ୍ଚଳରେ ଦୁଇଟି ଇଲେକ୍ଟ୍ରିକ ଟ୍ରାନ୍ସଫର୍ମର୍ ଉପରେ ଗଛ ଭାଙ୍ଗି ପଡ଼ିବା ଫଳରେ ତାହା ନଷ୍ଟ ହୋଇ ଯାଇଥିବା ସେକ୍ସନ ଅଧିକାରୀ ଦେବବ୍ରତ ଦାସ ପ୍ରକାଶ କରିଛନ୍ତି। ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବା ବେଳେ ତିନୋଟି ଟିମ୍ ଭାଙ୍ଗି ପଡ଼ିଥିବା ଗଛ କାଟିବା ସହ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ଚେଷ୍ଟା ଚଳାଇଥିବା କହିଛନ୍ତି।

### ଶ୍ରୀଅରବିନ୍ଦ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବେତନଟୀ,୨୨।୩(ଡି.ଏନ.ଏ.)

ବେତନଟୀସ୍ଥିତ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଶ୍ରୀ ଅରବିନ୍ଦ ପ୍ରିମିୟର ଲିଗ ସିଜିନ-୬ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାହାନଡ଼ା ଟାଇଗର ଓ ମହାକାଳ–୧୧ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାକାଳ–୧୧ ଷ୍ଟାର ଟସ୍ ଜିତି ଫିଲଡିଙ୍ଗ ନିଷ୍ପତ୍ତି ନେଇଥିଲା। ବାହାନଡ଼ା ଟାଇଗର ୧୨ ଓଭରରେ ୭ ଉଇକେଟ ହରାଇ ୭୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାକାଳ–୧୧ ଷ୍ଟାର ୬ ଉଇକେଟ ହରାଇ ୭୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ରାଜେଶ କୁମାର ବେହେରା ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ପ୍ରିମିୟର ଲିଗ୍‌କୁ ସୌମ୍ୟ ରଞ୍ଜନ ବେହେରା, ରୋହିତ କୁମାର ସାହୁ, କିସ୍ମତ ପରିଡ଼ା, ପ୍ରିୟରଞ୍ଜନ ପାତ୍ର, ଭୈରବ ନାଥ, ସମ୍ବିତ ପୁହାଣ, ସତ୍ୟ ରଞ୍ଜନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

### ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ବନ୍ତ,୨୨।୩(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ନିମାପଡ଼ାସ୍ଥିତ କପାଳୀ କ୍ଷେତ୍ରଠାରେ ଥିବା ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ତ୍ରୟବିଂଶତମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ସୂର୍ଯ୍ୟମଣୀ ରାଉଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଜଗନ୍ନାଥ ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ଶିକ୍ଷକ ଶଶୀ ଶେଖର କରଶର୍ମା, ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଷ ମିଶ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଜେନା ଯୋଗଦେଇଥିଲେ। ପଣ୍ଡିତ ହରେକୃଷ୍ଣ ପତି ବେଦ ପାଠ, ଶିକ୍ଷକ ପ୍ରଦୀପ ବିଶ୍ୱାଳ ଅତିଥି ପରିଚୟ, ପ୍ରଧାନ ଗୁରୁମା ଇତିଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ ଉଷାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୁରୁଜୀ ସୁନୀଲ ରାଉଳ, ଉମାକାନ୍ତ ରାଉତ, ଦିଲୀପ ସାହୁ, ଗଣେଶ ନାୟକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଦମୟନ୍ତୀ ପାଣିଗ୍ରାହୀ, ସୌଭାଗ୍ୟ ମଞ୍ଜରୀ ପରିଡ଼ା, ମିନତୀଲତା ରାଉତ, ସାବିତ୍ରୀ ମାଝୀ, ପ୍ରଭାତୀ ପତି, ସସ୍ମିତା ପତି, ଧରିତ୍ରୀ ଭୋଇ, ସବିତା ଦାସ, ରେବତୀ ବାରିକ, ସତ୍ୟଭାମା ଶଙ୍ଖୁଆଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଆରମ୍ଭ ହେଲା ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବ



ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବରେ ଅତିଥିଗଣ।

ବାଲିଆପାଳ, ୨୨।୩(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିଆପାଳ ନେତାଜୀ ଷ୍ଟାଡ଼ିୟମ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବାଲିଆପାଳ ବିକାଶ ପରିଷଦ ଆନୁକୂଲ୍ୟରେ ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବାଲିଆପାଳ ବିକାଶ ପରିଷଦ ସଭାପତି ଅଧାପକ ଡ. ସୁଶାନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ, ମୁଖ୍ୟବକ୍ତା ଭାବେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ମହାନ୍ତି, ସାଇଲ ରାହୁଲ, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପରିଷଦ ସଦସ୍ୟ ହାଡ଼ିବନ୍ଧୁ ଜେନା ଅତିଥି ପରିଚୟ ଓ ସତ୍ୟକାମ ମହାନ୍ତି ମଞ୍ଚ ଆହ୍ୱାନ କରିଥିଲେ। କମିଟି ସଦସ୍ୟ ହରିହର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରମାନାଥ କରଙ୍କ ସ୍ୱରଚିତ ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ସଙ୍ଗୀତ କ୍ୟାସେଟ ଲୋକାର୍ପଣ ହୋଇଥିଲା। ଅପରାହ୍ନରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସହିତ ବିଭିନ୍ନ ବାଦ୍ୟ ଯନ୍ତ୍ର ଓ ଆଲୋକ ସାଜସଜ୍ଜାରେ ଜଗନ୍ନାଥ ମନ୍ଦିରରୁ ଆଞ୍ଚାମାଳାକୁ ବିଭିନ୍ନ ଛକ ବଜାର ପରିକ୍ରମା କରି ଉତ୍ସବସ୍ଥଳକୁ ଅଣାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରଥମ ଦିନରୁ ମେଳାରେ ବିଭିନ୍ନ ପ୍ରକାର ଦୋକାନ ସହିତ ଚଟପଟି ଖାଦ୍ୟ ଷ୍ଟଲରେ ଭିଡ଼ ଲାଗିଥିବା ପରିଲକ୍ଷିତ ହୋଇଛି। କାର୍ଯ୍ୟକ୍ରମରେ ପରିଷଦ ସମ୍ପାଦକ ପ୍ରତାପ କୁମାର ପାତ୍ର, କୋଷାଧକ୍ଷ ଜଗବନ୍ଧୁ ଜେନା, ମନୋଜ କୁମାର ଜେନା, ବିକ୍ରମ ରାଉତ, ଭକ୍ତରଞ୍ଜନ ପାତ୍ର, ବିକ୍ରମ ଦେ, ରାମଚନ୍ଦ୍ର ରାଉତ, ରବୀନ୍ଦ୍ର ନାଥ କାମିଲା, ରାଧାକୃଷ୍ଣ ଦାସ ମହାପାତ୍ର, କୁମାରକୃଷ୍ଣ ଦାସ, ଲମ୍ବୋଦର ମାହାନା, ହେମନ୍ତ ଦାସଙ୍କ ସହିତ ମିଡିଆ ସଂଯୋଜକ ପ୍ରଦୀପ କୁମାର ଜେନା ପରିଚାଳନା କରିଥିଲେ।

# ୩ରୁ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା

## ୧୦ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନ ସମ୍ଭାବନା

ଭୋଗରାଇ, ୨୨।୩(ଡି.ଏନ.ଏ.)



ଚନ୍ଦନେଶ୍ୱର ଯାତ୍ରୀ ନିବାସଠାରେ ଚଡ଼କମେଳାର ପ୍ରସ୍ତୁତି ବୈଠକ।

ଚଳିତବର୍ଷ କୋଭିଡ୍ କଟକଣା ହଟିଥିବାରୁ ୩ବର୍ଷ ପରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସ୍ଥିତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା ଆସନ୍ତା ମାସ ୩ତାରିଖରୁ ଶୁଭାରମ୍ଭ ହେବାକୁ ଯାଉଛି। ଏଥିନିମନ୍ତେ ମଙ୍ଗଳବାର ଚନ୍ଦନେଶ୍ୱର ନୂତନ ଯାତ୍ରୀନିବାସଠାରେ ଜିଲା ପ୍ରଶାସନ, ଟ୍ରଷ୍ଟବୋର୍ଡ଼, ସେବାୟତ, ପୂଜାରୀ ଓ ଲୋକପ୍ରତିନିଧିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ପୌରୋହିତ୍ୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଲକ୍ଷାଧିକ ଉପବୀତଧାରୀ ଶୈବଭକ୍ତଙ୍କ ସମେତ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆଗତ ହେବାର ସମ୍ଭାବନା ଥିବାରୁ ପ୍ରଶାସନିକ ସ୍ତରରେ ମେଳା ପରିଚାଳନା ନିମନ୍ତେ ସ୍ୱଚ୍ଛତା, ସୁରକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଓ ପାନୀୟଜଳ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେବାୟତଙ୍କ ଦ୍ୱାରା ଆଗତ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା ଆଞ୍ଚାମାଳକୁ ଜିଲାପାଳ ଉଦ୍‌ଘାଟନ କରି ସହଯୋଗ ଲୋଡ଼ିଥିଲେ।

ପ୍ରତି ଉପବୀତଧାରୀ ଭକ୍ତଙ୍କ ସକାଶେ ୧୦ଟଙ୍କା ଟିକେଟ ବାଧତାମୂଳକ କରାଯାଇଥିବା ବେଳେ ମେଳାରେ ସ୍ୱଚ୍ଛତା ରଖିବା ସହିତ ସ୍ୱାସ୍ଥ୍ୟସେବା, ୨୪ଘଣ୍ଟିଆ ବିଦ୍ୟୁତ୍ ଆଲୋକ, ବିଶୁଦ୍ଧ ପାନୀୟଜଳ ସହ ଶାନ୍ତିଶୃଙ୍ଖଳା ନିମନ୍ତେ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୩ ତାରିଖ ପ୍ରତ୍ୟୁଷରୁ ଶ୍ରୀଶ୍ରୀଜୀଉଙ୍କ ରୁଦ୍ରାଭିଷେକ ମୌରସୀ ନ୍ୟାସୀଙ୍କ ଆଞ୍ଚାମାଳ, ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆଙ୍କ ଉପବୀତ ଧାରଣ, ପୋଡ଼ା ବାଉଁଶଛେଦନ ସହ ଅର୍ଘ୍ୟଦାନରୁ ଚଡ଼କମେଳା ଶୁଭାରମ୍ଭ ହେବ। ୭ଏପ୍ରିଲରୁ ଜୀଉଙ୍କଠାରେ ଉପବୀତଧାରୀଙ୍କ ୭ ଅର୍ଘ୍ୟଦାନ, ୯ତାରିଖରେ ୫ ଅର୍ଘ୍ୟଦାନ ସହ ନୀତିକାନ୍ତି ପୂଜା, ଗ୍ରାମ୍ୟ ପରିକ୍ରମା ଓ ବେକଡ଼ା ନୃତ୍ୟ, ୧୨ ଏପ୍ରିଲରେ 'ମହାନୀଳ' ଓ କାମିନା ବିବାହ ଓ ୧୩ତାରିଖରେ ପ୍ରସିଦ୍ଧ 'ପାଟ' ଉତ୍ସବ ଉଦ୍‌ଯାପିତ ହେବ। ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ବିଡିଓ ଶଙ୍କର ପଟ୍ଟନାୟକ, ଡିଏଚ୍‌ଡିଏସ୍‌ପି ବ୍ରଜେଶ୍ୱରୀ ବଳ, ଏସ୍‌ଡ଼ିପିଓ ଦିଲୀପ କୁମାର ସାହୁ, ସିଡିଏମ୍‌ଓ ଡା. ଦୁଲାଲସେନ ଜଗଦେବ, ମୌରସୀନ୍ୟାସୀ ତପନ କୁମାର ପଣ୍ଡା, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ବିଧାୟକଙ୍କ ପ୍ରତିନିଧି ବିଶ୍ୱଜିତ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ମାର୍ଚ୍ଚ, ୨୦୨୩

**ସୁନ୍ଦର ସ୍ୱାସ୍ଥ୍ୟରେ ସୁରେନ୍ଦ୍ରଙ୍କୁ ସିଲ୍‌ଭର**

ଭଣ୍ଡାରିପୋଖରୀ,(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ଗ୍ରାମର ଅନ୍ୟତମ ସଫଳ କ୍ରୀଡ଼ା ପ୍ରତିଭା ସୁରେନ୍ଦ୍ର ଦାସଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ସିଲଭର ମେଡାଲ ପ୍ରଦାନ କରାଯାଇଛି। ସୁରେନ୍ଦ୍ର ଝାରସୁଗୁଡା ଜିଲା ବେଲପାହାଡ଼ଠାରେ ଅନୁଷ୍ଠିତ ବଡି ବିଲ୍ଡିଂ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦୁଇଟି ପ୍ରତିଯୋଗିତାରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ପ୍ରାୟ ୨୫୦ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସୁରେନ୍ଦ୍ର ପ୍ରାୟ ୬୫ରୁ ୭୦କେଜି ଭାର ଉଠାଇ ବଡି ବିଲ୍ଡିଂରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



## ସଂକ୍ଷେପରେ

### କୁଟାରୀ ମାଂସ ଜବତ, ଶିକାରୀ ଗିରଫ

ଠାକୁରମୁଣ୍ଡା,୨୨।୩(ଡି.ଏନ.ଏ.)- କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରୁ ବନବିଭାଗ କର୍ମଚାରୀମାନେ ବୁଧବାର ସକାଳେ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ୧ କିଲୋ ୪୦୦ ଗ୍ରାମ ଓଜନର କୁଟାରୀ ମାଂସ ଜବତ ହୋଇଛି। ଗିରଫ ଶିକାରୀ ଜଣକ ହେଲେ ଦ୍ୱାରଶୁଣି ଗ୍ରାମର ଶିବ କଣ୍ଡେଇବୁରୁ (୨୪)। ବନ କର୍ମଚାରୀଙ୍କୁ ଦେଖି ଘଟଣାସ୍ଥଳରୁ ଅନ୍ୟ ୨ ଜଣ ଶିକାରୀ ଖସି ପଳାଇ ଯାଇଛନ୍ତି। ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ସକାଳେ ଦୁଆରସୁଣି ଗ୍ରାମ ନିକଟ ତକୋଶିଆ ରିଜର୍ଭ ନଂ. ୩ ଜଙ୍ଗଲ ଭିତରେ ଚଢ଼ାଉ କରି ଶିବଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛନ୍ତି।

### ଡାକ୍ତରଖାନା ପରିସରରୁ ବାଇକ୍ ଚୋରି

ବାସୁଦେବପୁର,୨୨।୩(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ଡାକ୍ତରଖାନା ପରିସରରୁ ମଙ୍ଗଳବାର ଏକ ବାଇକ୍ ଚୋରି ହୋଇଯାଇଛି। ଏ ନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚୁଡ଼ାମଣି ଗ୍ରାମର ଶ୍ରୀକାନ୍ତ ମୁଦୁଲି ନାମକ ବ୍ୟକ୍ତି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସି ଡାକ୍ତରଖାନା ପରିସରରେ ବାଇକ୍ (ଓଡି ୦୧ ଡବ୍ଲୁ୩୯୯୭) କୁ ରଖି ଡାକ୍ତରଖାନା ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ତାଙ୍କ ବାଇକ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପୋଲିସ (ନଂ ୧୫୧/୨୩)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ହିନ୍ଦୁ ନବବର୍ଷ ପାଳିତ

ଚମ୍ପୁଆ୨୨।୩ (ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ରଷ୍ଟ୍ରୀୟ ନବ ବର୍ଷ ତଥା ହିନ୍ଦୁ ନବ ବର୍ଷ ପାଳିତ ହୋଇଯାଇଛି। ଚୈତ୍ର ଶୁକ୍ଳ ପ୍ରତିବଦ, ବିକ୍ରମ ସମ୍ବତ୍-୨୦୮୦, ଯୁଗାବ୍ଦ-୫୧୨୫ ଅନୁଯାୟୀ ୨୨ ତାରିଖ ଏହା ପାଳିତ ହୋଇଯାଇଛି। ଏହି ଦିନ ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନା ଆରମ୍ଭ, ଆର୍ଯ୍ୟ ସମାଜର ପ୍ରତିଷ୍ଠା, ଛତ୍ରପତି ଶିବାଜୀଙ୍କ ରାଜ୍ୟଭିସେକ, ଧର୍ମରାଜ ଯୁଧିଷ୍ଠିର ଓ ପ୍ରଭୁ ଶ୍ରୀ ରାମ ଚନ୍ଦ୍ରଙ୍କର ରାଜ୍ୟଭିସେକ ହୋଇଥିବା ବେଳେ ଡ. ହେଡ୍‌ଗେ ୱାର ଜନ୍ମ ହୋଇଥିଲେ। ଏହି ପରିପେକ୍ଷୀରେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଭାରତ ମାତାଙ୍କ ପ୍ରତିକୃତିକୁ ସୁସଜ୍ଜିତ ଗାଡ଼ିରେ ନଗର ଭ୍ରମଣ କରାଯାଇଥିଲା।

### ଏପ୍ରିଲ ୫ରେ ଶହୀଦ ଦିବସ ପାଳିବ କୁଡୁମି ସେନା

ପାଟଣା,୨୦।୩(ସ୍ୱ.ପ୍ର.):
କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନା ପଶି ପଞ୍ଚାୟତ ପଦ୍ମପୁର ଗ୍ରାମରେ ରବିବାର କୁଡୁମୀ ଜାତିର ମହାନାୟକ ବୀର ସହିଦ ରଘୁନାଥ ମହାତୋଙ୍କ ୨୪୫ତମ ଶହୀଦ ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପ୍ରେଲ ୫ ରଘୁନାଥ ମହାତୋଙ୍କ ସହିଦ ଦିବସକୁ କୁଡୁମୀ ସେନା ପକ୍ଷରୁ ବ୍ୟାପକ ଭାବେ ପାଳନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବୈଠକରେ ଜଳଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ଓଡ଼ିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, କୁଡ଼ିମି ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ଜିଲା ମହିଳା ସଭାନେତ୍ରୀ ମଧୁସ୍ମିତା ମହାନ୍ତ, ରାଜ୍ୟ ଉପଦେଷ୍ଟା ଭୈରବ ଚନ୍ଦ୍ର ମହାନ୍ତ, ବିରେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଭା କାର୍ଯ୍ୟକୁ ଜଳଧର ମହାନ୍ତ ସଂଯୋଜନା କରିଥିଲେ।

### ଏନ୍‌ଏସ୍ ପୋଲିସ ହାଇସ୍କୁଲରେ ବିଶ୍ୱ ଜଳ ଦିବସ

କେନ୍ଦୁଝର,୨୨।୩(ସ୍ୱ.ପ୍ର.):
କେନ୍ଦୁଝର ଜିଲା ଏନଏସ ପୋଲିସ ହାଇସ୍କୁଲରେ ବୁଧବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ୧୪ ଓଡ଼ିଶା ବାଟାଲିୟନ ଏନସିସି କେନ୍ଦୁଝର କମାଣ୍ଡିଂ ଅଫିସର ଏମ. ଚନ୍ଦ୍ରଶେଖର ରାଓଙ୍କ ନିର୍ଦ୍ଦେଶମତେ ଏନସିସି ଅଫିସର ବିଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଏନସିସି କ୍ୟାଡେଟଙ୍କ ମଧ୍ୟରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ବିଶ୍ୱରେ ପ୍ରତ୍ୟେକ ଦେଶରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ଉପଲବ୍ଧ କରାଇବା ଏହି ଦିବସର ଲକ୍ଷ୍ୟ। ସାଧାରଣ ବର୍ଗ ଲୋକମାନଙ୍କ ମଧ୍ୟରେ ସଚେତନତା ତଥା ଜଳ ସଂରକ୍ଷଣର ମହତ୍ତ୍ୱ ଦର୍ଶାଇବା ପାଇଁ ପ୍ରତି ବର୍ଷ ମାର୍ଚ୍ଚ ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳିତ ହୋଇଥାଏ। ଜୀବନର ପ୍ରତିଟି ମୁହୂର୍ତ୍ତ ପାଇଁ ଜଳ ହିଁ ଲୋଡା, ଜଳ ହିଁ ଜୀବନ, ଜଳର ସୁରକ୍ଷା ଜୀବନ ରକ୍ଷା ଆଦି ସ୍ଲୋଗାନ ଦେଇ ଏନସିସି କ୍ୟାଡେଟମାନେ ସଚେତନତାର ବାର୍ତ୍ତା ବାଣ୍ଟି ଥିଲେ।

# ବାଙ୍କସାହି ରେବ ସେତୁ ପାଇଁ ଅର୍ଥ ମଞ୍ଜୁର

ଧାମନଗର,୨୨।୩(ଡି.ଏନ.ଏ)

ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଭଦ୍ରକ ଜିଲା ଧାମନଗର ବ୍ଲକ୍ କୋଠାର ପଞ୍ଚାୟତର ବାଙ୍କସାହି ରେବ ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଛନ୍ତି। ପ୍ରସ୍ତାବିତ ନୂତନ ସେତୁ ପାଇଁ କେନ୍ଦ୍ର ସରକାର ୪୧ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିବା ସହ ଦୁଇ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

**କଥା ରଖିଲେ କେନ୍ଦ୍ରମନ୍ତ୍ରୀ**

ଧାମନଗର ବ୍ଲକ୍ ଫତେପୁର ପଞ୍ଚାୟତସ୍ଥିତ ଶ୍ରୀରାମପୁର ଛକଠାରୁ ପତ୍ରିସାହି ପର୍ଯ୍ୟନ୍ତ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ସଡ଼କର ବାଙ୍କସାହିଠାରେ ରେବ ନଦୀରେ ପୋଲଟି ଏବେ ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ୨୦୦୭ରେ ଧାମନଗର ପଞ୍ଚାୟତ ସମିତି ଅନୁଦାନରେ ୨୨ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ପୋଲ ଏକ ଫୁଟବ୍ରିଜ ଭଳି ନିର୍ମାଣ ହୋଇଥିଲା। ପୋଲଟି ଅଣଓସାରିଆ ଯୋଗୁ ଏହା ଉପରେ ବଡ଼ ଗାଡି ଯିବା ସମ୍ଭବ ହେଉନାହିଁ। ପୋଲ ଦୁର୍ବଳ ହୋଇପଡ଼ିବା ଯୋଗୁ ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର ବିପଦଜନକ ଭାବେ ସ୍କୁଲ, କଲେଜ ଭାବେ ଯାତାୟାତ କରୁଛନ୍ତି। ନିକଟରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏହି ଅଞ୍ଚଳକୁ ଗ୍ରସ୍ତ କରିଥିବା ବେଳେ ସ୍ଥାନୀୟ ଲୋକେ ନୂଆ ପୋଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ବିଧାୟକ ଏନେଇ ଗତ ଫେବୃୟାରୀରେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏ ବିଷୟରେ କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଚିଠି ଲେଖି ଧାମନଗର ବିଧାୟକଙ୍କର ଦାବି ଜଣାଇଥିଲେ। ପଞ୍ଚାୟତରାଜ ମନ୍ତ୍ରୀ ଗିରିରାଜ ସିଂହ ଏହାକୁ ଗ୍ରହଣ କରି ନିକଟରେ ଓଡ଼ିଶାରେ ହେବାକୁ ଥିବା ପ୍ରସ୍ତାବିତ ୫୭ଟି ପୋଲ ତାଲିକାରେ ସାମିଲ କରିଥିବା ଜଣାପଡ଼ିଛି।

## ହିନ୍ଦୁ ନବବର୍ଷ ପାଳନ ସହ ବନ୍ଧୁମିଳନ



ହିନ୍ଦୁ ନବବର୍ଷ ପାଳନ।

ବାଲେଶ୍ୱର ଅଫିସ, ୨୨।୩

ବାଲେଶ୍ୱର ସହର ଗୋପାଳଗାଁସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ହିନ୍ଦୁ ନବବର୍ଷ କମିଟି ପକ୍ଷରୁ ବୁଧବାର ନବବର୍ଷ ପାଳନ ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାଳିତ ହୋଇଛି। ପ୍ରାତଃ ସମୟରେ ବେଦପାଠ ସହ ବିଶ୍ୱଶାନ୍ତି ପାଇଁ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ଇସ୍କନ ଦ୍ୱାରା ନାମ ସଙ୍କୀର୍ତ୍ତନ କରାଯାଇ ସଭା ଆରମ୍ଭ ହୋଇଥିଲା।

କମିଟି ଅଧ୍ୟକ୍ଷ ଆଲୋକ କୁମାର ପଣ୍ଡା ମଞ୍ଚ ପରିଚାଳନା କରି ଏହାର ଐତିହାସିକ ପୃଷ୍ଠଭୂମି, ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ସଞ୍ଜୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ପ୍ରବଚକ ଡା. ସନତ କୁମାର ଦାଶ, କମିଟି ସମ୍ପାଦକ ବରିଷ୍ଠ ଅଧିବକ୍ତା ପ୍ରଶାନ୍ତ ନାୟକ କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ବିବରଣୀ ପାଠ କରି ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଖ୍ୟାତ କଳାକାରଙ୍କ ଦ୍ୱାରା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବା ସହ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଙ୍ଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଧାକର ପାଢ଼ି, ରଜନୀକାନ୍ତ ଶତପଥୀ, ଡ. କ୍ଷୀତେଶ୍ୱର ଦାଶ, ନିମାଇଁ ଚରଣ ଅଧିକାରୀ, ଭାଗ୍ୟରଞ୍ଜନ ନାୟକ, ଦେବବ୍ରତ ଦାସ, ଅଶୋକ କୁମାର ବୁଗୁଡ଼ାଇ, ଚିତ୍ତରଞ୍ଜନ ଦାସ, ଲିଲା ଭଟ୍ଟାଚାର୍ଯ୍ୟ, ରାକେଶ ସାହା, ଅର୍ଣ୍ଣବ କର, ସମୀର କୁମାର ଜଟ୍ଟାନିଆ, ହେମଲତା ସାହୁ, ଦୀପ୍ତିମୟୀ ମହାପାତ୍ର ଓ ଜ୍ୟୋତିର୍ମୟ ପରିଡ଼ା ପ୍ରମୁଖ ଅଧିକାରୀ ତଥା ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଭିନ୍ନ ଯୋଜନାର ସମୀକ୍ଷାକଲେ ଜିଲା ପରିଷଦ ଅଧ୍ୟକ୍ଷ




ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ଖଇରା, ୨୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ବୁଧବାର ଖଇରା ବ୍ଲକ ଗସ୍ତ କରିବା ସହ ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ବିଡିଓ ପର୍ଶୁରାମ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସହକାରୀ ଯନ୍ତ୍ରୀ ବିଜୟ ମୁକୁଲ ବାରିକ, ୩ ଜୋନର ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା । ସମନ୍ୱିତ ଶିଶୁ ବିକାଶ ଯୋଜନା ଉପରେ ବହୁ ଅଙ୍ଗନୱାଡି ଗୃହ ଅସମ୍ପୂର୍ଣ୍ଣ ଥିବା ନେଇ ଲୋକପ୍ରତିନିଧିମାନେ ଅଭିଯୋଗ କରିବା ପରେ ତୁରନ୍ତ ଏହା ଶେଷ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିଭଳି କୃଷି ପ୍ରସଙ୍ଗରେ ଜିଲା ପରିଷଦ ସଭ୍ୟ ମାନସ ଦାଶ ଗ୍ରାମସେବକ ମାନେ ମୁଗ, ସୋରିଷ ବିହନ ବାହାରେ ବିକ୍ରି କରୁଥିବା ନେଇ ଅଭିଯୋଗ କରିଥିଲେ । ପାନୀୟ ଜଳ ଯୋଜନା ଆଲୋଚନାରେ ଅନେକ ସ୍ଥାନରେ ପ୍ରକଳ୍ପ ଅଚଳ ଥିବା ଅଭିଯୋଗ ଉତ୍ଥାପନ କରିଥିଲେ।

## ୧୮୮ ଲିଟର ମଦ ଜବତ, ୬ ଗିରଫ

ଭଣ୍ଡାରିପୋଖରୀ,୨୨।୩(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଧାମନଗର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୧୮୮ ଲିଟର ମଦ ଜବତ କରାଯାଇଛି। ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଥାନା ଅଧୀନ ରଣଜିତ, ମହାମାଲ୍ୟା, କୋରକରା, ତାଳପଦା ପ୍ରମୁଖ ସ୍ଥାନରେ ମଙ୍ଗଳବାର ରାତିରେ ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିବା ବେଳେ ବିକ୍ରୟ କରୁଥିବା ଅଭିଯୋଗରେ ଅଶୋକ ମଲ୍ଲିକ, ସସ୍ମିତା ମଲ୍ଲିକ, ନାରାୟଣ ମଲ୍ଲିକ, ବାବାଜୀ ଜେନା, ସୁସ୍ମିତା ମଲ୍ଲିକଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେହିଭଳି ଅଞ୍ଚଳର ଅନାଦି ଚରଣ ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ବେଆଇନ ମଦ କାରବାର ଅଭିଯୋଗରେ ବିଭାଗ ଗିରଫ କରିଛି। ସେମାନଙ୍କ ନିକଟରୁ ଦେଶୀ ଓ ବିଦେଶୀକୁ ମିଶାଇ ୧୮୮ଲିଟର ମଦ ଜବତ ହୋଇଥିବା ସୂଚନା ମିଳିଛି। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ଥାନାର ଓଆଇସି ସନ୍ଦୀପ ପାଢ଼ୀ, ଏଏସ୍‌ଆଇ ଭବେଶ ଦାସ, ଶିବପ୍ରସାଦ ସାହୁ, ସନ୍ଧ୍ୟାରାଣୀ ସେନାପତି, ସୂର୍ଯ୍ୟକାନ୍ତ କିସକୁ, ରମାକାନ୍ତ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ପାର୍ସଲ ଦେବା ନାଁରେ ସୁନାଗହଣା ଲୁଟ୍

ବାରିପଦା ଅଫିସ,୨୨।୩

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଦେବେନ୍ଦ୍ରପୁର ଅଞ୍ଚଳରେ ବୁଧବାର ଜଣେ ମହିଳାଙ୍କଠାରୁ ଅଭିନବ ଢ଼ଙ୍ଗରେ ସୁନା ଗହଣା ଲୁଟ୍ ହୋଇଛି। କୋରିୟର ସଂସ୍ଥା କର୍ମଚାରୀ ପରିଚୟ ଦେଇ ଘରେ ପଶି ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟ୍ କରିଛନ୍ତି। ଟାଉନଥାନା ପୋଲିସ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଦେବେନ୍ଦ୍ରପୁର ଅଞ୍ଚଳର ସାଇ ମନ୍ଦିର ନିକଟରେ ରହୁଥିବା ଦିନେଶ ଗାଣ କଟକ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଘରେ ଏକୁଟିଆ ଘରେ ଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ପହଞ୍ଚି ତାଙ୍କ ଘରର କଲିଂବେଲ୍ ବଜାଇଥିଲେ। ଏକ ପାର୍ସଲ ଆସିଛି ନେବାକୁ କହି ଘର ଲୋକଙ୍କୁ ଡାକିଥିଲେ। ଦୁର୍ବୃତ୍ତଙ୍କ କଥାରେ ବିଶ୍ୱାସ କରି ମହିଳା ଜଣକ କବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ହାର, କାନ ଫୁଲ ଓ ମୁଦି ନେଇ ଚମ୍ପଟ ମାରିଥିଲେ।

## ‘ମୂଲ୍ୟବୋଧ ଖବର ଆଦୃତ ହୋଇଥାଏ’

**ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ‘ବାର୍ତ୍ତାଳାପ’**

ବାଲେଶ୍ୱର ଅଫିସ, ୨୨।୩

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ଜିଲା ପ୍ରଶାସନର ସହଯୋଗରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ‘ବାର୍ତ୍ତାଳାପ’ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପିଆଇବିର ଗଣମାଧ୍ୟମ ଓ ସୂଚନା ଅଧିକାରୀ ତଥା ବାର୍ତ୍ତାଳାପ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ପ୍ରଦୀପ କୁମାର ଚୌଧୁରୀ ଆୟୋଜିତ କର୍ମଶାଳାରେ ସଂଯୋଜନା କରିଥିଲେ। ଆଇଆଇଏସ୍‌ର ଯୁଗ୍ମ ସଚିବ ଡ. ଗିରିଶ ଚନ୍ଦ୍ର ଦାସ ଯୋଗଦେଇ ମୂଲ୍ୟବୋଧ ଭିତ୍ତିକ ଖବର ଲୋକଙ୍କ ଦ୍ୱାରା ଆଦୃତ ହୋଇଥାଏ ବୋଲି ପ୍ରକାଶ କରିଥିଲେ।

ଅତିଥି ଭାବେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଯୋଗଦେଇ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସତ୍ୟ ଉପରେ ଆଧାରିତ ଖବର ପ୍ରସାରିତ ହେବା ଦ୍ୱାରା ପ୍ରଶାସନ ଦୃଢ଼ତାର ସହ କାର୍ଯ୍ୟ କରିବାର ଖୋରାକ ପାଇଥାଏ ବୋଲି କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ପିଆଇବିର ଇନଫରମେସନ ଆସିଷ୍ଟାଣ୍ଟ ସ୍ୱାଧୀନ ଶକ୍ତି ପ୍ରସାଦ, ଖବରଦାତା ଶିଶିର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ରିସୋର୍ସପର୍ସନ ଭାବେ ଜିଲା କୃଷି ଅଧିକାରୀ ସରୋଜ କୁମାର ମହାପାତ୍ର, ଲିଡ୍ ବ୍ୟାଙ୍କ ମ୍ୟାନେଜର ବିଶ୍ୱନାଥ ଶତପଥୀ ଓ ଆରଡବ୍ଲ୍ୟୁଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ସମୀରଚନ୍ଦ୍ର ଦେଓ ଯୋଗଦେଇ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଗତ ୨୦୧୪ରୁ ଆରମ୍ଭ ହୋଇଥିବା ଏହି ‘ବାର୍ତ୍ତାଳାପ’ କାର୍ଯ୍ୟକ୍ରମ ରାଜ୍ୟରେ ପୂର୍ବରୁ ୧୬ଟି ଜିଲାରେ ହୋଇସାରିଥିବା ବେଳେ ଚଳିତବର୍ଷ ବାଲେଶ୍ୱରରେ ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି।




ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳା।

## ଜଳିଗଲା ଦୋକାନ

ବାହାନଗା, ୨୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଉପରଆଡିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଏକ ଦୋକାନ ଘର ପୋଡି ପାଉଁଶ ହୋଇଯାଇଛି। ଗ୍ରାମର ସୋମନାଥ ପ୍ରଧାନଙ୍କର ଥିବା ଭେରାଇଟି ଦୋକାନରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ବାହାନଗା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୋକାନ ଘର ଭିତରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାର ଅନୁମାନ କରାଯାଉଛି ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷରେ ଗଣଦୌଡ଼




ଗଣଦୌଡ଼ ସାମିଲ ହୋଇଥିବା ଲୋକେ।

ବାସୁଦେବପୁର,୨୨।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରରେ ଭାରତୀୟ ସଂସ୍କୃତ ପ୍ରଚାର ସମିତି ପକ୍ଷରୁ ବୁଧବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଏହି ଅବସରରେ ଏକ ଗଣଦୌଡ଼ ନୀଳମଣି ଟାଉନହଲ ପରିସରରୁ ବାହାରି ବାଲିନଗର ଯାଦବପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷରେ ପରସ୍ପରକୁ ସ୍ୱାଗତ କରିଥିଲେ। ମଧୁସୂଦନ ପାଢ଼ୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରତାପ ଚନ୍ଦ୍ର ନାୟକ, ରଶ୍ମିରଞ୍ଜନ ପଲାଇ, ଉଦୟ ନାରାୟଣ ମଲ୍ଲିକ, ରଞ୍ଜନ ମଲ୍ଲିକ, ଉଦୟ ଜେନା, ଟୁକୁନା ମହାନ୍ତିଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ସମେତ ସମିତିର କର୍ମକର୍ତ୍ତାମାନେ ଗଣଦୌଡ଼ରେ ସାମିଲ ହୋଇଥିଲେ।

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

କେନ୍ଦୁଝର,୨୨।୩ (ଡି.ଏନ୍.ଏ/ସ୍ୱ.ପ୍ର)

କେନ୍ଦୁଝର ଜିଲା ସଦର ମହକୁମାରେ ୮୮ତମ ଓଡ଼ିଶା ଦିବସ ପାଳନ ନିମନ୍ତେ ବୁଧବାର ସ୍ଥାନୀୟ ଦରବାରହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ଅଧ୍ୟକ୍ଷତା କରି ଦିବସକୁ ଉତ୍ସାହ, ଉଦ୍ଦୀପନା ଓ ଉତ୍କଳୀୟ ଭାବନା ସହ ପାଳନ କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଡିଏସ୍‌ପି ଡିଆଇବି ଇନ୍ଦୁରେଖା ପଶ୍ଚିମକବାଟ, ଏସ୍‌ଡିପିଓ କେନ୍ଦୁଝର ମହେନ୍ଦ୍ରନାଥ ମୁର୍ମୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ପୃଷ୍ଟିଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ସଂଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ କାର୍ଯ୍ୟକ୍ରମ ରୂପରେଖ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସ୍ୱତଃସ୍ପୂର୍ତ୍ତ ଭାବେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ‘ପରିବେଶ ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୁଅନ୍ତୁ’

ଭଦ୍ରକ ଅଫିସ, ୨୨।୩

**ବିଶ୍ୱ ବନ ଦିବସ**

ଦ୍ରୁତ ଶିଳ୍ପାୟନ ପାଇଁ ଅବାଧରେ ଜଙ୍ଗଲ ନଷ୍ଟ କରାଯିବା ଫଳରେ ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି। ବନ୍ୟପ୍ରାଣୀ ଗାଁ ମୁହାଁ ହେଉଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ ବୃକ୍ଷରୋପଣ କରନ୍ତୁ ବୋଲି ସାମାଜିକ ସଙ୍ଗଠନ ଶୁଭମ୍ ପକ୍ଷରୁ ଆୟୋଜିତ ବିଶ୍ୱ ବନ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମଙ୍ଗଳବାର ଭଦ୍ରକ ବ୍ଲକ ଅଧୀନ ଆନନ୍ଦ ବଜାର ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଡିଓ ଶ୍ରୀକାନ୍ତ ରାଉତ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ତଥା ପରିବେଶବିତ ଗୋଲକ ଚନ୍ଦ୍ର ସାମଲ, ବିଶିଷ୍ଟ ଅତିଥି ଭାବେ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଅନ୍ୟତମ ଅତିଥି ଭାବେ ଯୁବ ସମାଜସେବୀ ଇଂ. ସ୍ୱନ୍ଦନ ମଲ୍ଲିକ, ବିଷ୍ଣୁପୁରବିନ୍ଧା ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ପୃଷ୍ଟି, ଖବରଦାତା ବୈକୁଣ୍ଠ ନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ଅକ୍ଷୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ଜଗନ୍ନାଥ ବେହେରା, ଗଙ୍ଗାଧର ଦାସ, ବଳରାମ ପୋଥାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏପ୍ରିଲ ୧ରୁ ଔପଦା ଆଞ୍ଚଳିକ ମହୋତ୍ସବ



ଔପଦା, ୨୨।୩(ଡି.ଏନ.ଏ.)

ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଔପଦା ଆଞ୍ଚଳିକ ମହୋତ୍ସବ ପାଳନ କରାଯିବ ବୋଲି ମହୋତ୍ସବ ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉପଦେଷ୍ଟା ସାମାଜିକ କର୍ମୀ ସନ୍ତୋଷ ଖଟୁଆ ମହୋତ୍ସବକୁ ନିଆରା ଢଙ୍ଗରେ ପାଳନ ପାଇଁ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଖବରଦାତା ସମ୍ମିଳନୀରେ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିପ୍ସିବିପ୍ସା ପାତ୍ର, ଜିଲା ପରିଷଦ ସଭ୍ୟା ମୁନି ସିଂ, ମହୋତ୍ସବ ଉପସଭାପତି ବୈକୁଣ୍ଠ ପୁଥାଳ, ସଭ୍ୟ ନରହରି ନାୟକ, ଚିନ୍ତାମଣି ବେହେରା, ସଚ୍ଚିନ୍ଦ୍ର ଦାସ, ଭଗବାନ ନାୟକ, କିଶୋର ଚନ୍ଦ୍ର ପଣ୍ଡା, ସୁଶାନ୍ତ ନାୟକ ଆଞ୍ଚଳିକ ମହୋତ୍ସବରେ ଲମ୍ବା ତାଲିକା ପ୍ରସ୍ତୁତ ହୋଇଛି, ଏଥିରେ ନାମୀଦାମ କଳାକାର ସହ ନୂଆ ନୂଆ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଆଞ୍ଚଳିକ ମହୋତ୍ସବର ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାଣି ପାଇଁ ଡହଳବିକଳ ଗାଡ଼ାସାହିବାସୀ

**ପାହାଡ଼ି ନାଳ ଭରସା**

ଚମ୍ପୁଆ,୨୨।୩(ଡି.ଏନ୍.ଏ)

ଖଣି ଖାଦାନ ପାଇଁ କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ମାତ୍ର ଉପଖଣ୍ଡ ମୁଖ୍ୟାଳୟଠାରୁ ୧୨ କି.ମି ଦୂର କାଳିକାପ୍ରସାଦ ପଞ୍ଚାୟତ ବସିରା ଗ୍ରାମର ଗାଡ଼ାସାହିରେ ଦେଖିବାକୁ ମିଳିଛି ଜଳକଷ୍ଟ ସମସ୍ୟା। ପାନୀୟ ଜଳ ପାଇଁ ସାହି ବାସିନ୍ଦାଙ୍କୁ ପାହାଡି ନାଳ ଉପରେ ଭରସା କରିବାକୁ ପଡୁଛି। ଏପରିକି ଉକ୍ତ ନାଳରେ ଚୁଆ ଖୋଳି ଜଳ ଆବଶ୍ୟକତା ପୂରଣ କରୁଛନ୍ତି ଗ୍ରାମବାସୀ।



ଗାଡ଼ାସାହି ବାସିନ୍ଦା ଜଳ ସଂଗ୍ରହ କରୁଛନ୍ତି।

ସୂଚନା ଅନୁଯାୟୀ, ଗାଡ଼ାସାହିରେ ୨୫ଟି ପରିବାରର ପ୍ରାୟ ୨୦୦ ଲୋକ ବସବାସ କରୁଛନ୍ତି। ଏହି ସାହିରେ ଏକ ନଳକୂପ ରହିଥିଲେ ମଧ୍ୟ ତାହା ପାନୀୟ ଜଳ ଆବଶ୍ୟକତା ପୂରଣ କରିପାରୁନାହିଁ। ପାନୀୟ ଜଳ ସଂଗ୍ରହ ପାଇଁ ଭୋର ସମୟରୁ ସ୍ଥାନୀୟ ଲୋକେ ନଳକୂଅ ପାଖରେ ଭିଡ଼ ଜମାଉଥିଲା ବେଳେ କେତେକ ବୋହି ଯାଉଥିବା ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ରାଜ୍ୟ ସରକାର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ଯୋଜନା ଆରମ୍ଭ କରିଥିଲେ ମଧ୍ୟ ଗାଡ଼ାସାହିବାସୀ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ କରନ ସୋରେନଙ୍କୁ ପଚାରିବାରୁ ଉକ୍ତ ସମସ୍ୟା ମୋ ନଜରକୁ ଆସିନାହିଁ। ସ୍ଥାନୀୟ ବାସିନ୍ଦା ବିଡିଓଙ୍କୁ ଅବଗତ କଲେ ଆମକୁ ଏ ବିଷୟରେ ଅବଗତ କରାଯିବ ଏବଂ ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ୫ ଫୁଟର ଚନ୍ଦ୍ରବୋଡ଼ା ଉଦ୍ଧାର

ଖୁଣ୍ଟା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରୁ ୫ ଫୁଟ ଲମ୍ୱର ଏକ ଚନ୍ଦ୍ରବୋଡ଼ା ସାପ ଉଦ୍ଧାର ହେଇଛି। ବୁଧବାର କାର୍ଯ୍ୟାଳୟ ପରିସରରେ ଥିବା ଡି.ପି ବାକ୍ସ ମଧ୍ୟରେ ଏହି ସାପଟି ଥିବା କର୍ମଚାରୀମାନେ ଦେଖିଥିଲେ। ଖବରପାଇ ବନ୍ୟପ୍ରାଣୀ ଉଦ୍ଧାରକାରୀ ସଦସ୍ୟ କୃଷ୍ଣ ଗୋଛାୟତ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ଡ୍ରାଇଭର, ହେଲପରଙ୍କୁ ବାନ୍ଧି ହାଇୱା ନେଇଗଲେ

ଚମ୍ପୁଆ/ଯୋଡ଼ା,୨୨।୩(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ରଘୁଆଲସାହି ନିକଟରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତ ଡ୍ରାଇଭର ଓ ହେଲପରଙ୍କୁ ବାନ୍ଧି ଏକ ହାଇୱା ଟ୍ରକ୍‌କୁ ନେଇଯାଇଛନ୍ତି। ଏନେଇ ଟ୍ରକ୍ ମାଲିକ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାରିଆ ଥାନା ଅନ୍ତର୍ଗତ ଜ୍ୟୋତିପୁର ଗ୍ରାମର ଡ୍ରାଇଭର ସନୁ ନାଏକ ଗାଡ଼ି ନମ୍ବର ଓଡି୦୯ଜି୧୮୨୫ ଦଶ ଚକିଆ ହାଇୱାରେ ଡିଆର୍ ପଟ୍ଟନାୟକ ମାଇନ୍ସରୁ ଲୁହା ଗୁଣ୍ଡ ନେଇ ଅନଲୋଡ କରି ଫେରୁଥିଲେ। ରଘୁଆଲ ସାହି ଫ୍ଲାଇଓଭର ନିକଟରେ ରାତି ପ୍ରାୟ ୧୧.୩୦ ମିନିଟ ସମୟରେ ଗାଡ଼ି ରଖି ଡ୍ରାଇଭର ପରିଶ୍ରା କରୁଥିଲେ। ଏହି ସମୟରେ ଏକ ବୋଲେରୋରେ ଟ୍ରକ୍ ନିକଟରେ ଅଟକିଥିଲା। ବୋଲେରୋରୁ ୩ ଜଣ ଓହ୍ଲାଇ ଡ୍ରାଇଭର ଓ ହେଲପରକୁ ଭୁଜାଲି ଦେଖାଇ ଭୟଭିତ କରିଥିଲେ। ହାଇୱାକୁ ବାସୁଦେବପୁର ଛକରୁ ଚମ୍ପୁଆ ଆଡ଼କୁ ନେବା ପାଇଁ ବାଧ କରିଥିଲେ। ମାତ୍ର ବାସୁଦେବପୁର ନିକଟବର୍ତ୍ତୀ ରାମଚନ୍ଦ୍ରପୁରଠାରେ ଡ୍ରାଇଭର ଓ ହେଲପରଙ୍କୁ ଜଙ୍ଗଲ ମଝିରେ ବାନ୍ଧି ହାଇୱା ନେଇ ପଳାଇଥିଲେ। ଉଭୟ ସେଠାରୁ ମୁକୁଳିବା ପରେ ବାସୁଦେବପୁର ଛକ ନିକଟକୁ ଆସି ରାତି ୨.୩୦ ମିନିଟ ସମୟରେ ମାଲିକ ସୁଲତା ବେହେରାଙ୍କୁ ସୂଚନା ଦେଇଥିଲେ। ପରେ ଉଭୟ ମାଲିକ ଓ କର୍ମଚାରୀ ମିଶି ଗାଡ଼ିକୁ ଖୋଜିଥିଲେ ମଧ ପାଇ ନ ଥିଲେ। ପୋଲିସ ଏ ନେଇ କେସ (ନଂ. ୪୧/୨୦୨୧)ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଗଗନ ବିହାରୀ ନାଏକ ସୂଚନା ଦେଇଛନ୍ତି।

### ସମିତି ସଭ୍ୟାଙ୍କୁ ମରଣାନ୍ତକ ଆକ୍ରମଣ

ବୈଶିଙ୍ଗା,୨୨।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସଇତପୁର ପଞ୍ଚାୟତର ଭୂୟାଁସାହି ଗ୍ରାମରେ ମମତା ଗୃହ ନିର୍ମାଣକୁ ନେଇ ସ୍ଥାନୀୟ ସମିତି ସଭ୍ୟା ଓ ତାଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସୂଚନା ଅନୁଯାୟୀ, ବ୍ଲକ ପ୍ରଶାସନର ନିଷ୍ପତ୍ତି କ୍ରମେ ମମତା ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ଆସି ଲେଆଉଟ କରି ଯାଇଥିଲେ। ତେବେ ଗୃହ ନିର୍ମାଣ ଆରମ୍ଭ ସମୟରେ ପ୍ରଦୀପ ନାୟକ ନାମକ ଜଣେ ବ୍ୟକ୍ତି ପହଞ୍ଚି କାମ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ସମିତି ସଭ୍ୟା ନମିତା ମହାନ୍ତ ଓ ତାଙ୍କ ସ୍ୱାମୀ ଭୈରବ ଘଟଣାସ୍ଥଳରେ ପହଞ୍ଚି ପ୍ରଦୀପଙ୍କୁ ବିରୋଧ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଦୀପ ଏକ ଶାବଳରେ ସମିତି ସଭ୍ୟା ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ସମିତି ସଭ୍ୟା ନମିତାଙ୍କ ଅଭିଯୋଗ କ୍ରମେ ବୈଶିଙ୍ଗା ପୋଲିସ ଏକ ମାମଲା(ନଂ. ୧୧୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

### ଶୋଇଥିବା ବେଳେ ଆକ୍ରମଣ, ମା' ଝିଅ ଗୁରୁତର

ମୋରଡ଼ା,୨୨।୩(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ମଶିଣାଶୋଳ ଗ୍ରାମରେ ଗୋଟିଏ ପରିବାରର ମା' ଝିଅଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ମା' ଝିଅ ଶୋଇଥିବା ବେଳେ ଜଣେ ଯୁବକ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆହତ ମହିଳାଙ୍କ ସ୍ୱାମୀ ଚିତ୍ରଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୯୮/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନି।

# ବର୍ଷା, କୁଆପଥର ମାଡ଼ରେ ଉଜୁଡିଲା ଫସଲ

## ପରିଦର୍ଶନ କଲେ କୃଷି ଅଧିକାରୀ

ଜଳେଶ୍ୱର, ୨୨।୩(ଡି.ଏନ.ଏ.)


କୃଷି ଅଧିକାରୀମାନେ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଗତ ୩ ଦିନ ଧରି ବର୍ଷା ଓ କୁଆପଥର ମାଡରେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି । ଏଥିମଧ୍ୟରୁ ତରଭୂଜ ଓ ରବିଋତୁରେ ବାହାରିଥିବା ଧାନକେଣ୍ଡାର ବ୍ୟାପକ କ୍ଷତି ଘଟିଥିବାରୁ ବୁଧବାର ଜଳେଶ୍ୱର ବିଧାୟକ ତଥା ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲାସ୍ତରୀୟ କୃଷି ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଚଳିତବର୍ଷ ଜଳେଶ୍ୱର ବ୍ଲକରେ ୩୫୦ହେକ୍ଟର ଜମିରେ ତରଭୂଜ ଓ ପ୍ରାୟ ୬ ହଜାର ହେକ୍ଟର ଜମିରେ ରବିଧାନ ଚାଷ ହୋଇଛି । ଏହାବ୍ୟତୀତ ୩ହଜାର ହେକ୍ଟର ଜମିରେ ହୋଇଥିବା ବିଭିନ୍ନ ପରିବା ଚାଷ କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି । ଏବେ ବି ଜମିଗୁଡିକରେ ବର୍ଷାପାଣି ଲହଡି ଖେଳୁଛି। କୁଆପଥର ମାଡ଼ରେ ଫଳିଥିବା ତରଭୂଜ, କଖାରୁ, କାକୁଡି, ଜହ୍ନି, ଫୁଟି ଓ ପୋଟଳ ଆଦି ନଷ୍ଟ ହୋଇଯାଇଛି । ଜମିରେ ପାଣି ଜମିଯିବା ଫଳରେ ପରିବା ଓ ତରଭୂଜ ଗଛଗୁଡିକ ଝାଉଁଳିଯାଇଛି । ଧାନଗଛର ଥୋଡଗୁଡିକ ଫାଟିଯିବା ଫଳରେ ସେଗୁଡିକ ଅଗାଡି ହେବାର ସମ୍ଭାବନା ଦେଖାଦେଇଛି । ଗତ ୩ ଦିନ ଧରି ବର୍ଷା ଓ କୁଆପଥର ମାଡ ଲାଗି ରହିଥିବାରୁ ଚାଷୀଙ୍କ ବ୍ୟାପକ କ୍ଷତି ଘଟିଛି । ଏ ସମ୍ପର୍କରେ ଜଳେଶ୍ୱର ବିଧାୟକ ଜିଲାପାଳ ଓ କୃଷି ଅଧିକାରୀଙ୍କ ସହ ଆଲୋଚନା କରିବାରୁ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ଗିରି, ଗୋଷ୍ଠୀ କୃଷି ଅଧିକାରୀ ସଞ୍ଜୟ କୁମାର ରାଉତ, ଗ୍ରାମସେବକ କବିତା ସିଂ, ଆର୍‌ଆଇ ସବିତା ଘଡେଇ, ଉଦ୍ୟାନ ବିଭାଗ କର୍ମଚାରୀ କେଦାର ଜେନା, ଏଟିଏମ୍ ଚିନ୍ମୟ ବ୍ରହ୍ମ ଓ ରାଜେଶ ସାହୁ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି । ଜଳେଶ୍ୱର ପୌରପରିଷଦ ଅଞ୍ଚଳରେ ୧୦ ହେକ୍ଟର, ଗୋବରଘଟା ପଞ୍ଚାୟତର ୬୦ ହେକ୍ଟର, ଲକ୍ଷ୍ମଣନାଥ ପଞ୍ଚାୟତର ୭୦ ହେକ୍ଟର, ଶ୍ରୀରାମପୁର ପଞ୍ଚାୟତରେ ୩୦ ହେକ୍ଟର ତରଭୂଜ ଓ ପରିବା ସହିତ ୧୨୦ ହେକ୍ଟର ଜମିରେ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି ବୋଲି କୃଷି ଅଧିକାରୀମାନେ ଆକଳନ କରିଛନ୍ତି । ଏଥିରେ ପଞ୍ଚୁଘଣ୍ଟା, କୃଷ୍ଣନଗର, ଗୋବରଘଟା, ବିରିଶପୁର, ଲକ୍ଷ୍ମଣନାଥ, ଶ୍ରୀରମପୁର, ମାଳିପାଳ, ଗୁରୁଦାସପୁର ଓ ମହୁଲକୁଳି ଗାଁର ଅଧିକ କ୍ଷତି ଘଟିଥିବା ସମ୍ପର୍କରେ କୃଷି ଅଧିକାରୀମାନେ କହିଛନ୍ତି। ବର୍ଷା ପାଣି ଛିଡା ହୋଇରହିଥିବାରୁ ଚିନାବାଦାମ, ଆଳୁ, ମୁଗ, ବିରି ଫସଲର କ୍ଷତି ଘଟିବା ସମ୍ପର୍କରେ ମଧ କୁହାଯାଇଛି।

## ବଜ୍ରପାତ ସଚେତନତା ଅଭିଯାନ ଶୁଭାରମ୍ଭ

ବାଲେଶ୍ୱର ଅଫିସ, ୨୨।୩


ବଜ୍ରପାତ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ 'ବଜ୍ରପାତ ସଚେତନତା ଅଭିଯାନ' କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଚେତନତା ରଥକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ, ଭୂଗୋଳ ବିଭାଗ ପ୍ରଫେସର ତଥା କାର୍ଯ୍ୟକ୍ରମର ଭିତ୍ତି ପ୍ରବକ୍ତା ଡ. ମନୋରଞ୍ଜନ ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ଡ. ନିହାର ରଞ୍ଜନ ରାଉତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲାରେ ଥିବା ୧୨ଟି ବ୍ଲକ ଅଧୀନ କଲେଜଗୁଡ଼ିକ ସହ ଯୋଗାଯୋଗ କରି ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ବଜ୍ରପାତ ସଚେତନତା ବାର୍ତ୍ତା ପ୍ରଚାର କରି ଲୋକଙ୍କୁ ସତର୍କ କରାଯିବାର କାର୍ଯ୍ୟକ୍ରମ ରହିଛି ।ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ତ୍ରିପାଠୀ ଅଧ୍ୟକ୍ଷତା କରି ଆଗାମୀ ଦିନରେ ଏହି ବଜ୍ରପାତ ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ମୃତ୍ୟୁସଂଖ୍ୟା ଶୂନ କରିବାର ପ୍ରୟାସ କରାଯିବ ବୋଲି ସୂଚନା ଦେଇଥିଲେ। ଆଭାସୀ ମାଧ୍ୟମରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଦସ୍ୟ ରାଜେନ୍ଦ୍ର ସିଂହ, ଭାରତୀୟ ପାଣିପାଗ ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ତଥା ଜଳବାୟୁ ସ୍ଥାୟୀ ପର୍ଯ୍ୟବେକ୍ଷଣ ପ୍ରଣାଳୀ ପ୍ରୋତ୍ସାହନ ପରିଷଦର (ସିଆର୍‌ଓପିସି) ଉପଦେଷ୍ଟା ଡ. କେଜେ ରମେଶ, ଜଳବାୟୁ ସ୍ଥାୟୀ ପର୍ଯ୍ୟବେକ୍ଷଣ ପ୍ରଣାଳୀ ପ୍ରୋତ୍ସାହନ ପରିଷଦର ଅଧ୍ୟକ୍ଷ କର୍ଣ୍ଣେଲ ସଞ୍ଜୟ ଶ୍ରୀବାସ୍ତବ, ସିଏସ୍‌ଆର୍ ଓଡ଼ିଶା ଟାଟା ଷ୍ଟିଲ୍‌ର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ, ଭାରତୀୟ ପାଣିପାଗ ବିଭାଗର ସଦସ୍ୟ ତଥା ବୈଜ୍ଞାନିକ ଡ. ଡିଆର୍ ପଟ୍ଟନାୟକ, ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ବିଷୟ ବିଶାରଦ ଡ. ସୋମାସେନ୍ ରୟ ପ୍ରମୁଖ ଉପସ୍ଥିତ ଥିଲେ।

## ଖଇରା ମଣ୍ଡଳ ଭାଜପାର ପ୍ରବାସ ବୈଠକ


ପ୍ରବାସ ଯୋଜନା ବୈଠକରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

ଖଇରା, ୨୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ମଣ୍ଡଳ ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ବୁଧବାର ପ୍ରବାସ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ରାଜେଶ କୁମାର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଯୁବନେତା ଅଂଶୁମାଧବ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ବେହେରା, ଜିଲା ସମ୍ପାଦିକା ଭାରତୀ ମଲ୍ଲିକ, ରାକେଶ ମଲ୍ଲିକ, ସିମୁଳିଆ ନିର୍ବାଚନମଣ୍ଡଳୀ ସଂଯୋଜକ ନିରାକାର ପଣ୍ଡା, ମଣ୍ଡଳ ସାଧାରଣ ସମ୍ପାଦକ ନୀଳାମ୍ବର ପଣ୍ଡା, ଯୁବନେତା ଡା. ଅଂଶୁମାଧବ ପଣ୍ଡା ପ୍ରମୁଖ ଯୋଗଦେଇ ସଙ୍ଗଠନ ଶକ୍ତି ବୃଦ୍ଧି ଉପରେ ଆଲୋଚନା କରିଥିଲେ।

## ମୟୂରଭଞ୍ଜରେ ରାଜ୍ୟ ମହିଳା ଆୟୋଗ ଟିମ୍

### ମାତୃ ମୃତ୍ୟୁ ତଦନ୍ତ

ବାରିପଦା ଅଫିସ, ୨୨।୩

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାତୃ ମୃତ୍ୟୁ ଘଟଣାର ତଦନ୍ତ ଲାଗି ରାଜ୍ୟ ମହିଳା ଆୟୋଗଙ୍କ ଏକ ତଦନ୍ତକାରୀ ଦଳ ୪ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି । ଏହି ଟିମ୍ ମଙ୍ଗଳବାର ବଡ଼ସାହି ବ୍ଲକ ଅଧୀନ କଇଁଶାଳୀ ଗ୍ରାମର ଖୁଦିରାମ ସିଂ ଓ କୁଳିଅଣା ବ୍ଲକର ରଥସଳା ଗ୍ରାମର ସାଗର ସୋରେନଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ବୁଧବାର ଏହି ଦଳ କୁସୁମୀ ବ୍ଲକର କୃଷ୍ଣପୁର ଗ୍ରାମର ଅଜୟ କୁମାର ମହାନ୍ତ ଓ ବାରିପଦା ସଦର ବ୍ଲକର କ୍ଷେତ୍ରପାଟଣା ସୁଶାନ୍ତ ଫଟକାରଙ୍କ ଘରେ ତଦନ୍ତ କରିଥିଲେ । ଗୁରୁବାର ଓ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ତଦନ୍ତ କରି ଫେରିବେ ବୋଲି ଜଣାପଡ଼ିଛି । ହାଇକୋର୍ଟର ଜଣେ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯାଉଛି। ଉପରୋକ୍ତ ୪ଟି ମାତୃ ମୃତ୍ୟୁ ଘଟଣାକୁ ନେଇ ସେମାନଙ୍କ ସ୍ୱାମୀ, ପରିବାର ଲୋକ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କଠାରୁ ସବିଶେଷ ତଥ୍ୟ ଗ୍ରହଣ କରୁଛନ୍ତି। ଉକ୍ତ ନ୍ୟାୟାଳୟରେ ଏହି ମାମଲା ବିଚାରାଧୀନ ରହିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ନାବାଳକ ମୃତ

ଭଦ୍ରକ ଅଫିସ,୨୨।୩

ଭଦ୍ରକ ବ୍ଲକ ଗେଲଟୁଆ ନୂଆ କଲୋନୀ ଆଦିବାସୀ ସାହିରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଆଦିବାସୀ ସାହିରେ ୩ ବର୍ଷ ଧରି କେହି ରହୁ ନ ଥିବା ଏକ ଭଙ୍ଗାଘରେ ସ୍ୱର୍ଗତ ଗମୀଅ ମୁଣ୍ଡାଙ୍କ ପୁଅ ଦୀନବନ୍ଧୁ(୯) ଖେଳୁଥିଲେ। ସେହି ଘରକୁ ପୂର୍ବରୁ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ନ ଥିଲା । ଲୁହା ପାଇପ୍‌ରେ ଘରକୁ ବିଦ୍ୟୁତ୍ ତାର ସଂଯୋଗ କରାଯାଇଥିଲା । ଉକ୍ତ ପାଇପ୍‌କୁ ଦୀନବନ୍ଧୁ ଛୁଇଁ ଦେବାରୁ ବିଦ୍ୟୁତ୍ ଆଘାତରେ ଅଚେତ ହୋଇପଡ଼ିଥିଲେ । ଗୁରୁତର ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ କରାଯିବା ସହ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ମୃତ ନାବାଳକଙ୍କ ବାପା ଗମୀଅ ୩ ବର୍ଷ ତଳେ ବଜ୍ରପାତରେ ମୃତ୍ୟୁବରଣ କରିଥିଲେ।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଦେବେନ୍ଦ୍ର


@ବିକାଶ


@ମୋନାଲିସା


@ସଞ୍ଜୟ


ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


## ଦୋଷୀଙ୍କୁ ୧୦ ବର୍ଷ ଜେଲ

### ନାବାଳିକାଙ୍କୁ ବଳାତ୍କାର ମାମଲା

ବାରିପଦା ଅଫିସ,୨୨।୩

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାରକରି ଦୋଷୀଙ୍କୁ ୧୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବସନ୍ତପୁର ଅଞ୍ଚଳର ଶମ୍ଭୁନାଥ ମୁର୍ମୁ(୪୩)। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଫେବୃଆରୀ ୧୫ରେ ଅଭିଯୁକ୍ତ ଶମ୍ଭୁନାଥଙ୍କ ସହ ଜଣେ ନାବାଳିକା ମାଳପଡ଼ାସ୍ଥିତ ମାମୁଘରକୁ ସାଇକେଲ ନେବାକୁ ଆସିଥିଲେ। ଶମ୍ଭୁନାଥ ତାଙ୍କୁ ରାସ୍ତାରେ ଥିବା କୁଦୁମଶୋଳ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ । ଏନେଇ ନାବାଳିକାଙ୍କ ପରିବାର ଲୋକେ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା(ନଂ.୧୭/୧୬) ରୁଜୁକରି ଅଭିଯୁକ୍ତ ଶମ୍ଭୁନାଥଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ପୋକ୍‌ସୋ କୋର୍ଟରେ ସ୍ୱତନ୍ତ୍ର ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

## ସାଧୁସନ୍ଥ ପୂଜନ, ବାଇକ୍ ରାଲି


ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ଆୟୋଜିତ ବାଇକ୍ ରାଲି।

ଭଦ୍ରକ ଅଫିସ, ୨୨।୩

ଶ୍ରୀରାମ ନବମୀ ମହାଯଜ୍ଞ ସମିତି ଆନୁକୂଲ୍ୟରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ବୁଧବାର ସାଧୁସନ୍ଥ ପୂଜନ ଓ ବାଇକ୍ ରାଲି କରାଯାଇଛି। ଭଦ୍ରକ ସହର ଗାନ୍ଧୀପଡ଼ିଆରୁ ଜୟଶ୍ରୀରାମ ନାରା ଦେଇ ୫୦୦ରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଭଦ୍ରକ ବ୍ଲକ କାଉପୁର ରାମମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ଗୋପୂଜନ ଓ ସାଧୁସନ୍ଥ ପୂଜନ କରାଯାଇଥିଲା । ଶୋଭାଯାତ୍ରାରେ ମହାଯଜ୍ଞ ସମିତିର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ମହାଯଜ୍ଞ ସମିତିର ସଭାପତି ରାୟ ରାମାନନ୍ଦ ମହାପାତ୍ର, ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପ୍ରୟାସକାନ୍ତି ସାମଲ, ରଞ୍ଜିତା ସ୍ୱାଇଁ, ବଦ୍ରୀନାରାୟଣ ଧଳ, ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଡ଼ିଆରୀ, ଶହୀଦ ଭଗତସେନା ଆବାହକ ସୀତାଂଶୁ ଶେଖର ନାୟକ, ବିଶ୍ୱହିନ୍ଦୁ ପରିଷଦର ସ୍ୱାଧୀନ ସୁନ୍ଦର ଦାଶ, ସଂଯୋଜକ ଗୋବିନ୍ଦ ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବିଦ୍ୟାଧର ସାହୁ, ଦେବାଂଶୁ ରାଉତ, ତୁଷାର କାନ୍ତ ବେହେରା ପ୍ରମୁଖ ବାଇକ ରାଲିର ନେତୃତ୍ୱ ନେଇଥିଲେ ।

## ନାଟ୍ୟସଂସଦ ପକ୍ଷରୁ ୪୧ କଳାକାରଙ୍କୁ ସମ୍ବର୍ଦ୍ଧନା

ରୂପସା, ୨୨।୩(ଡି.ଏନ.ଏ.)


ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି।

ଅଭିନୟ ଜଗତର ଅନୁଭବ ନିଆରା। କଳା ବଞ୍ଚିଲେ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ହୁଏ। ବାସ୍ତବରେ କଳା ଓ ଅଭିନୟ ହେଉଛି କଳାକାରଙ୍କ ପ୍ରାଣ ବୋଲି କଳାକାର ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ମୁଖ୍ୟଅତିଥି ବାଲେଶ୍ୱର ଯାତ୍ରା କଳାକାର ସଂଘର ଅଧ୍ୟକ୍ଷ ତଥା ଯାତ୍ରା ଅଭିନେତା ଗୌର ଦାସ ଓ ମୁଖ୍ୟବକ୍ତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ଝିଞ୍ଜିପୁରା କାଳିମାତା ବଟେଶ୍ୱର ନାଟ୍ୟ ସଂସଦ ପକ୍ଷରୁ କଳାକାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବରିଷ୍ଠ ନାଗରିକ ସୁରେନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା କଳାକାର ସଂଘ ସଭାପତି ବିଜୟ କୁମାର ଜେନା, ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ବିଜନ କୁମାର ନାୟକ, ବରୁଣଗଡ଼ିଆ ସରପଞ୍ଚ କରୁଣାକର ମଲ୍ଲିକ, ସମିତିସଭ୍ୟ ରମାକାନ୍ତ ସେଠୀ, ସାମାଜିକ କର୍ମୀ ସୁଧାଂଶୁ ଶେଖର ଯେନା, ୱାର୍ଡ଼ସଭ୍ୟ ନିରଞ୍ଜନ ଗିରି, ମଧୁସୂଦନ ଗିରି, କରୁଣାକର ପରିଡ଼ା, ଦେବେନ୍ଦ୍ର ଗିରି, ଗୋହିନ ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନାଟ୍ୟ ସଂସଦ ସଭାପତି ତଥା ନିର୍ଦ୍ଦେଶକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନାଟ୍ୟ ସଂସଦ ପକ୍ଷରୁ ୪୧ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଝିଞ୍ଜିପୁରା କଲଚୋରାଲ ଆସୋସିଏଶନର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ସ୍ୱପ୍ନ ପାଲଟିଛି

କେନ୍ଦୁଝର,୨୨।୩(ଡି.ଏନ୍.ଏ)

କେନ୍ଦୁଝର ଜିଲାରେ ରାଜ୍ୟ ତଥା ଦେଶର ବ୍ୟାପକ ଲୁହାପଥର ଖଣି ରହିଛି। ତେବେ ଏହି ଜିଲାରେ କେବଳ ହାତ ଗଣତି ସ୍ପଞ୍ଜ କାରଖାନାକୁ ଛାଡିଦେଲେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହୋଇପାରୁନାହିଁ। ଜିଲାରେ କଞ୍ଚା ମାଲ ଗଚ୍ଛିତ ଥିବାବେଳେ ଆବଶ୍ୟକ ଜମି ଏବଂ ପାଣିର ବି ଅଭାବ ନାହିଁ। କିନ୍ତୁ ଜିଲାରେ ଷ୍ଟିଲ ପ୍ଲାଣ୍ଟଟିଏ ପ୍ରତିଷ୍ଠା ନହେବା ଜିଲାବାସୀଙ୍କୁ ମର୍ମାହତ କରିଛି। ବିଗତ ବର୍ଷ ଗୁଡ଼ିକରେ ଅନେକ ଆନ୍ଦୋଳନ, ଧାରଣା ପ୍ରଭୃତି ହୋଇଥିଲେ ସୁଧା ଜିଲାବାସୀଙ୍କ ନିମନ୍ତେ ଷ୍ଟିଲ ପ୍ଲାଣ୍ଟ ସ୍ୱପ୍ନ ହୋଇ ରହିଯାଇଛି।

୨୦୨୧ ମସିହାରେ ଜିଲା ପ୍ରେସ୍ ଫୋରମ ପକ୍ଷରୁ ଷ୍ଟିଲ ପ୍ଲାଣ୍ଟକୁ ନେଇ ଏକ ଆନ୍ଦୋଳନ କରାଯାଇଥିଲା। ଏଥିରେ ସବୁ ରାଜନୈତିକ ଦଳଙ୍କର ସମର୍ଥନ ମଧ ରହିଥିଲା। ଏପରିକି ଗତ ଫେବୃୟାରୀ ୨୬ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଏହି ପ୍ରସଙ୍ଗକୁ ନେଇ ଅନେକ ଆଲୋଚନା ହୋଇଥିଲା। ବିଗତ ବର୍ଷ ଗୁଡ଼ିକରେ ମିତ୍ତଲ, ଷ୍ଟେରଲାଇଟ୍ ଓ ଉତ୍ତମ ଗାଲଭା ଭଳି ପ୍ରତିଷ୍ଠିତ କମ୍ପାନୀମାନେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଆଗେଇ ଆସିଥିବା ବେଳେ କୌଣସି କାରଣ ବଶତଃ ସେମାନେ ପ୍ରତିଷ୍ଠା ନ କରି ଫେରିଯାଇଥିଲେ। ବିଭିନ୍ନ ସମୟରେ ଜିଲାରେ ଆନ୍ଦୋଳନ ଯୋଗୁ ରାଜ୍ୟ ସରକାର ଗତବର୍ଷ ଜୁଲାଇ ୬ରେ ରୁଙ୍ଗଟା କମ୍ପାନୀକୁ ବଡ଼ବିଲ ନିକଟରେ ଥିବା କାରାଖେଣ୍ଡରାଠାରେ ୩ ମିଲିୟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ସେତେବେଳେ ଏହି ଷ୍ଟିଲ ପ୍ଲାଣ୍ଟ ମଞ୍ଜୁରୀ ପାଇବାପରେ ଜିଲାବାସୀଙ୍କ ମନରେ ଏକ ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ଦୁଃଖର ବିଷୟ ବର୍ତ୍ତମାନ ସୁଦ୍ଧା ଏହି ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନେଇ କୌଣସି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଅପରପକ୍ଷେ ରାଜ୍ୟ ସରକାର ମୁମ୍ବାଇ, ହାଇଦ୍ରାବାଦ, ବାଙ୍ଗାଲୋର ପ୍ରଭୃତି ସହରମାନଙ୍କରେ ନିବେଶକ ମେଳା କରୁଥିବା ବେଳେ କେନ୍ଦୁଝର ଜିଲାରେ ଷ୍ଟିଲ ପ୍ଲାଣ୍ଟଟିଏ ପ୍ରତିଷ୍ଠା ପାଇଁ ସରକାର ଭୁଲି ଯାଉଥିବା କ୍ଷୋଭର ବିଷୟ ବୋଲି ପୂର୍ବତନ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ଆଲୋକ ମିଶ୍ର ପ୍ରକାଶ କରିଛନ୍ତି। ଏଥିସହ ଚଳିତ ବର୍ଷ ଫେବୃୟାରୀ ୨୮ ସୁଧା ଜିଲାରୁ ୧୫ହଜାର କୋଟିରୁ ଊର୍ଦ୍ଧ୍ୱ ଖଣି ରାଜସ୍ୱ ସରକାର ନେଇଥିବା ସୂଚନା ମିଳିଛି। ସବୁ ଭିତ୍ତିଭୂମି ଥିବା ସତ୍ତ୍ୱେ ଷ୍ଟିଲ ପ୍ଲାଣ୍ଟଟିଏ ପ୍ରତିଷ୍ଠା ନହେବା ଜିଲାବାସୀଙ୍କୁ ବ୍ୟଥିତ କରୁଛି ବୋଲି ଆଲୋକ କହିଛନ୍ତି।

